ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା

'ସେମିକନ୍ ଇଣ୍ଡିଆ ୨୦୨୬'ରେ ଓଡ଼ିଶାର ବଡ଼ ସଫଳତା

ନରାଜରେ ୮୭୦ ଏକର ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା, ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍

'ସେମିକନ୍ ଇଣ୍ଡିଆ ୨୦୨୬'ରେ ଓଡ଼ିଶାକୁ ମିଳିଲା ୨୩,୬୦୦ କୋଟିର ନିବେଶ ପ୍ରସ୍ତାବ; ସୃଷ୍ଟି ହେବ ୬,୧୦୦ ନୂତନ ନିଯୁକ୍ତି

ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଓଡ଼ିଶାର ଅଗ୍ରଗତି ଉତ୍ସାହଜନକ ସେମିକଣ୍ଡକ୍ଟର ମାନଚିତ୍ରରେ ଇତିହାସ ରଚୁଛି ରାଜ୍ୟ

ବିଶ୍ୱସ୍ତରୀୟ ଏବଂ ଭାରତୀୟ ଟେକ୍ନୋଲୋଜି କମ୍ପାନିଗୁଡ଼ିକ ପାଇଁ ଓଡ଼ିଶାରେ ସୃଷ୍ଟି କରାଯାଉଛି ଅନୁକୂଳ ଇକୋସିଷ୍ଟମ – ମୁଖ୍ୟମନ୍ତ୍ରୀ

ନୂଆ ଦିଲ୍ଲୀ/ଭୁବନେଶ୍ୱର
୧୮ ସେପ୍ଟେମ୍ବର ୨୦୨୬

ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି । ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି । କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି । ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ ।

ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍‌କ୍ୱାଣ୍ଟମ' (QuadQuantum) ସଂସ୍ଥା ସହ ଏକ ବୁଝାମଣାପତ୍ର  ସ୍ୱାକ୍ଷରିତ ହୋଇଛି ।

ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍ (SiC-Sem), ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଣ୍ଟ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର (Value Chain) ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ । 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି । ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ଉତ୍ପାଦନ, ନବସୃଜନ ଏବଂ ବିକାଶ କରିପାରିବେ ।

ଓଡ଼ିଶା ପାଭିଲିୟନରେ ପ୍ରଦର୍ଶିତ ହୋଇଥିବା "ସାଣ୍ଡ ଟୁ ସିଲିକନ୍" (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି । ଏହି ପ୍ରଦର୍ଶନୀ ରାଜ୍ୟର ପରିଚୟକୁ ସିଲିକନ୍ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ବର୍ଦ୍ଧିତ ମହତ୍ତ୍ୱାକାଂକ୍ଷା ସହିତ ସଂଯୋଗ କରି ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଅଭିବ୍ୟକ୍ତି ପ୍ରଦାନ କରୁଛି। ଏହା ଓଡ଼ିଶାର "ମାଇନ୍ ଇକୋନୋମି" (ଖଣି ଅର୍ଥନୀତି)ରୁ "ମାଇଣ୍ଡ ଇକୋନୋମି" (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହିତ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ ।

କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି । ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ (ISM 2.0) ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି ।

ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ISM-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ ଏବଂ ଗବେଷଣା ତଥା ବିକାଶ (R&D) ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି ।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ମତ ପ୍ରକାଶ କରି କହିଛନ୍ତି ଯେ, ଆମର ଅଭିଗମ ହେଉଛି କେବଳ ଗୋଟିଏ କ୍ଷେତ୍ରକୁ ଅଲଗା ଭାବରେ ନ ଦେଖି ବରଂ ସେମିକଣ୍ଡକ୍ଟର ପୁଞ୍ଜିନିବେଶ ଚାରିପାଖରେ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ ବା ପରିବେଶ ସୃଷ୍ଟି କରିବା । ଓଡ଼ିଶା ଏହାର ନୀତିଗତ ଢାଞ୍ଚାକୁ ISM 2.0 ସହିତ ସମନ୍ୱୟ କରିବାରେ ଜଣେ ଅଗ୍ରଣୀ ରାଜ୍ୟ ହୋଇଥିବାବେଳେ ଉପକରଣ, ସାମଗ୍ରୀ, ଗ୍ୟାସ୍ ଏବଂ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ଯୋଗାଉଛି । ଏହା ସହିତ, ଆମେ ବିଶେଷଜ୍ଞ ପ୍ରତିଭା (ଟ୍ୟାଲେଣ୍ଟ) ନିର୍ମାଣ ଏବଂ କମ୍ପାନିଗୁଡ଼ିକୁ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ ।

'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ "ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା" ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ।